Largest Circulated Odia Daily
SAMBAD ସମ୍ବାଦ ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

**ଚେନ୍ନାଇ ଟେଷ୍ଟ ପ୍ରଥମ ଦିନ ଖେଳ ବର୍ଷା ଯୋଗୁଁ ବାତିଲ, ଇରାକ ତୈଳ ପ୍ରସଙ୍ଗରେ କ୍ରୋଏସୀୟ କୂଟନୀତିଜ୍ଞଙ୍କ ଉକ୍ତି**

ତାରିଖ : ୧୨/୨/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୫.୨ | ୨୯.୨ |
| କଟକ | ୧୩.୮ | ୨୯.୨ |
| ବାଲେଶ୍ୱର | ୧୪.୦ | ୩୦.୨ |
| ଗୋପାଳପୁର | ୧୬.୭ | ୨୯.୯ |
| ଝାରସୁଗୁଡ଼ା | ୧୩.୫ | ୨୯.୦ |

ବିତର୍କ/ମତାମତ ସଂଗ୍ରହ

ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗରେ କେନ୍ଦ୍ରରେ ଓଡ଼ିଶା ଅପେକ୍ଷା ବଙ୍ଗଳାର ଲବି ଟାଣୁଆ ପ୍ରମାଣିତ ହୋଇଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଯାହାର ବାହାଘର ତା'ର ମନ ନାହିଁ, ସାଇ ପଡ଼ିଶାଙ୍କୁ ନିଦ ନାହିଁ

ଭୁବନେଶ୍ୱର,(ଇମିସ): ଭୁବନେଶ୍ୱରରେ ପ୍ରତିଷ୍ଠା ହେବାକୁ ଥିବା ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ। ଏଠାରେ ସ୍ଥାପନ ନ ହୋଇ କୋଲକାତାକୁ ସ୍ଥାନାନ୍ତରିତ ହେଲା। ଏହାକୁ ନେଇ ଗତ କିଛି ମାସ ହେଲା ବିଭିନ୍ନ ସ୍ତରରେ ପ୍ରତିବାଦର ସ୍ୱର ମୁଣ୍ଡଟେକିଛି। ପ୍ରବାସରେ ରହୁଥିବା ଓଡ଼ିଆମାନେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଆବେଦନ କରିଛନ୍ତି। ଓଡ଼ିଶାରେ ଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଜେଡ଼ି ବିଜେପି ସାଂସଦମାନେ (କଂଗ୍ରେସ ସାଂସଦମାନେ କେଉଁ ମହତ ଉଦ୍ଦେଶ୍ୟରେ ଏ କଥାରେ ନିରବ ଅଛନ୍ତି ଜଣାପଡୁ ନାହିଁ) ଏହାର ପ୍ରତିବାଦ ଜଣାଇଛନ୍ତି। ମାତ୍ର ଏ ସବୁ ପ୍ରତିବାଦର ଭିଡ଼ ଭିତରେ ଅସଲ ନାୟକଟିର ସ୍ୱର ଆଦୌ ନ ଶୁଭିବା ସମସ୍ତଙ୍କୁ ବିସ୍ମିତ କରୁଛିଏବଂ ସେ ନାୟକ ଜଣକ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ବିଭିନ୍ନ ସମୟରେ କହି ଆସୁଥିଲେ ଯେ ସେ ଦିଲ୍ଲୀ ଯାଇ ଜାତୀୟ ବିଜ୍ଞାନ ସ୍ଥାନାନ୍ତର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କ ସହ କଥାବାର୍ତ୍ତା କରିଛନ୍ତି। ଯଦି ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଆଲୋଚନା ସତ୍ତ୍ୱେ ପରିଣାମ ହେଲା କୋଲକାତାକୁ ସ୍ଥାନାନ୍ତର- ତାହା ହେଲେ ସେ କି ପ୍ରକାର ଆଲୋଚନା କରୁଥିଲେ? ଓଡ଼ିଶାବାସୀ ସମସ୍ତେ ଜାଣନ୍ତି ଯେ ବିଭିନ୍ନ ସମୟରେ ବିଭିନ୍ନ କେନ୍ଦ୍ରମନ୍ତ୍ରୀ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାବାସି ଦେଇ ଯାଇଛନ୍ତି। ଏହି କଂଗ୍ରେସ ମନ୍ତ୍ରୀମାନଙ୍କ ପ୍ରଶଂସାପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ମହଲ ବଡ଼ ପାଟିରେ ପ୍ରଚାର କରି ପ୍ରମାଣିତ କରିଛି ଯେ ନବୀନ ବାବୁ କେବଳ ଏନ୍‌ଡିଏର ନୁହେଁ 'ଉପା' ସରକାରର ମଧ୍ୟ ଗେହ୍ଲାପୁଅ। ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏବଂ ଯୋଜନା କମିଶନ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆଲୁଓ୍ୱାଲିଆଙ୍କ ନବୀନଙ୍କ ସହ ସମ୍ବନ୍ଧ ଖୁବ୍ ଭଲ। ତା ସତ୍ତ୍ୱେ ନବୀନ ବାବୁ ଏହି କଥାଟି ହାସଲ କରି ପାରୁନାହାନ୍ତ କାହିଁକି? କାହିଁକି ଏହି ଘଟଣାକୁ ନେଇ ତାଙ୍କ ଦଳ ଏପର୍ଯ୍ୟନ୍ତ 'ଓଡ଼ିଶା ବନ୍ଦ ଡାକରା' ଦେଇ ନାହିଁ? ନବୀନ ପଟ୍ଟନାୟକଙ୍କ ପାଇଁ କେଜିବି ସହ କଂଗ୍ରେସର ସଂପର୍କଠାରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଙ୍ଗ କଣ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ? ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ କ୍ଷେତ୍ରରେ ପ୍ରକୃତରେ ଓଡ଼ିଶା ପ୍ରତି ଅନ୍ୟାୟ କରାଯାଉଛି। ଏନ୍‌ଡିଏ ସରକାର ଅମଳରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡ. ମୁରଲୀ ମନୋହର ଯୋଶୀ ୯ ଡିସେମ୍ବର ୨୦୦୩ରେ ଘୋଷଣା କରିଥିଲେ ଯେ ୟୁଜିସି ପକ୍ଷରୁ ଭୁବନେଶ୍ୱର, ଚେନ୍ନାଇ, ପୁନା ଏବଂ ଆହ୍ଲାବାଦରେ ଚାରିଟି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପିତ ହେବ। ଏଥିପାଇଁ



**ଏଡ୍‌ସ ସଚେତନତା ଉଦ୍ଦେଶ୍ୟରେ ରାଜଧାନୀ ଭୁବନେଶ୍ୱରରେ ରୂପଜୀବୀଙ୍କ ନୃତ୍ୟ।**

ଅନ୍ୟାନ୍ୟ ଖବର

- ଅଘଟଣ: ଗୋରଖନାଥଙ୍କ ଚାନ୍ଦୁଆ ପୋଡ଼ିଗଲା
- ବହି ମାଗୁ ନାହୁଁ, ଆମକୁ ଲାଇନ୍ ଦିଅ, ବରଗଡ଼ ଢେଙ୍କୋ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରାଉ କରି ଛାତ୍ରଛାତ୍ରୀଙ୍କ ଦାବି ହାସଲ
- ଚୌଦ୍ୱାର ଜେଲରେ ଏଡ୍‌ସ ସଚେତନତା ଉତ୍ସବ
- ବିଦ୍ୟାଳୟ ନଖୋଲିବା ଅଭିଯୋଗରେ ଶିକ୍ଷକ ସସ୍‌ପେଣ୍ଡ
- ହାତୀ ଆକ୍ରମଣରୁ ଘନଶ୍ୟାମ ବଞ୍ଚିଲେ
- ଷ୍ଟାମ୍ପ ଭେଣ୍ଡରଙ୍କ ସମସ୍ୟା ସମାଧାନ ଲାଗି ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ପୁଙ୍ଖାନୁପୁଙ୍ଖ ପ୍ରୋଜେକ୍ଟ ରିର୍ପୋଟ ମଧ୍ୟ ତିଆରି
ହୋଇଥିଲା । (ଏହି ପ୍ରୋଜେକ୍ଟ ରିର୍ପୋଟର ନକଲ 'ସମ୍ବାଦ'
ପାଖେ ଅଛି) । ଦୁର୍ଭାଗ୍ୟର କଥା ଯେ ଏନ୍‌ଡିଏ ସରକାର
ଅମଳରେ ଓଡ଼ିଶାରେ ଯେତିକିଟି ପ୍ରକଳ୍ପର ଅୟମାରମ୍ଭ
ହୋଇଥିଲା ତାହା ପାରାଦୀପ ପେଟ୍ରୋଲିୟମ ପ୍ରକଳ୍ପ
ହେଉ କି ଜାତୀୟ ଆୟୁର୍ବିଜ୍ଞାନ କେନ୍ଦ୍ର (ସିଜୁଆ) ହେଉ
କୌଣସିଟି ଏପର୍ଯ୍ୟନ୍ତ ବାସ୍ତବ ରୂପ ଗ୍ରହଣ କଲା ନାହିଁ । ଦ
ତବେ ଆମେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରସଙ୍ଗକୁ
ଫେରିବା । ସେତେବେଳେ ଏହି କେନ୍ଦ୍ରଗୁଡ଼ିକ ନାଁ ଥିଲା
'ନ୍ୟାସନାଲ ଇନିଷ୍ଟିଚ୍ୟୁଟ୍ ଅଫ ସାଇନ୍‌ସ । ଏବେ 'ଉପା'
ସରକାର ତାର ନାଁ ବଦଳେଇ କରିଛନ୍ତି 'ଇଣ୍ଡିଆନ
ଇନିଷ୍ଟିଚ୍ୟୁଟ୍ ଅଫ ସାଇଲେନ୍‌ସେସ୍' । ନାଁ ବଦଳ ହେଲେ
ବି କାମ ଏକା । ଏଥିପାଇଁ ୨୦୦୪ ମଇ ମାସରେ ଯେଉଁ
ପ୍ରୋଜେକ୍ଟ ରିର୍ପୋଟ ପ୍ରସ୍ତୁତ କରାଯାଇଥିଲା ସେଥିରେ ନିଦ
ଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ 'ୟୁଜିସିର ଯୋଜନା
ଅନୁସାରେ ପ୍ରଥମେ ୪ଟି ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ
ସାଇନ୍‌ସେସ୍ ପ୍ରତିଷ୍ଠା ହେବ । ସେ ଚାରିଟି ଜାଗା ହେଲା
ଆହ୍ଲାବାଦର ଆଲାହାବାଦ ବିଶ୍ୱବିଦ୍ୟାଳୟ ନିକଟରେ,
ମାଦ୍ରାଜର ଆନ୍ନା ବିଶ୍ୱବିଦ୍ୟାଳୟ ନିକଟରେ, ପୁନେରେ
ପୁନେ ବିଶ୍ୱବିଦ୍ୟାଳୟ ନିକଟରେଏବଂ ଭୁବନେଶ୍ୱରରେ
ଉତ୍କଳ ବିଶ୍ୱବିଦ୍ୟାଳୟ ନିକଟରେ । ଏହି ସଂସ୍ଥାଗୁଡ଼ିକ
ସଂପୂର୍ଣ ଭାବେ ସ୍ୱୟଂଶାସିତ ଅନୁଷ୍ଠାନ ହେବେ । (ଦ୍ରଷ୍ଟବ୍ୟଃ
ପ୍ରୋଜେକ୍ଟ  ରିର୍ପୋଟ, ପୃ-୩) । ଏହି ପ୍ରୋଜେକ୍ଟ
ରିର୍ପୋଟରେ ଶିକ୍ଷାର୍ଥୀଙ୍କ କୋର୍ସ ଫିଠାରୁ ନେଇ ପ୍ରତିଷ୍ଠାନର
ଅଧିକାରୀମାନଙ୍କର ଦରମା ଭତ୍ତା ଭଳି ସବୁ ପ୍ରସଙ୍ଗ ବିସ୍ତୃ
ତ ଭାବେ ଉଲ୍ଲେଖ କରାଯାଇଥିଲା । ଏ ସବୁ ସତ୍ତ୍ୱେ ବ
ର୍ତମାନର କେନ୍ଦ୍ର ସରକାର, ଓଡ଼ିଶାରେ ଏହି ପ୍ରତିଷ୍ଠାନ ପ୍ର
ତିଷ୍ଠିତ ହେବାର ନଥିଲା ବୋଲି କହିବା ସତ୍ୟର କଣ୍ଠ
ରୋଧ ଭିନ୍ନ ଅନ୍ୟ କିଛି ନୁହେଁ ।

ସବୁଠାରୁ ତାତ୍ପର୍ଯ୍ୟର କଥା ହେଉଛି ଯେ ଦେଶର ଚାରିଟି
ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ କେନ୍ଦ୍ର ପ୍ରତିଷ୍ଠା କଥା ଉଠିଥିବା
ବେଳେ କୋଲକାତା କଥା ସେଥିରେ ଆଦୌ ନଥିଲା । ଏବେ
ଯଦି ମନମୋହନ ସିଂହ ସରକାର ଦାବି କରୁଛନ୍ତି ଯେ,
କୋଲକାତାକୁ ଯେଉଁଟା ଉଠିଯାଉଛି ସେଇଟା
ଭୁବନେଶ୍ୱରରେ ବସିବାର ନଥିଲା, ତାହା ହେଲେ
ଭୁବନେଶ୍ୱରରେ ଯେଉଁଟା ବସିବାର ଥିଲା ସେଇଟା ଆଗେ
ଏଠାରେ ବସୁନାହିଁ କାହିଁକି? ଓଡ଼ିଶା କଣ ଏଭଳି
ଅଭିଶପ୍ତ ରାଜ୍ୟ ଯେ ଏଠି କେବଳ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁ
ତ୍ୱପୂର୍ଣ ଘାଟୀ, ବିମାନଘାଟୀ ଓ ଗୁଳିଗୋଳା କେନ୍ଦ୍ର ବସିବ,
ମାତ୍ର କୌଣସି ଜାତୀୟସ୍ତରର ଗବେଷଣା ଓ ବିଜ୍ଞାନ କେନ୍ଦ୍ର
ବସିପାରିବ ନାହିଁ? ଏହି ପୃଷ୍ଠଭୂମିରେ ନବୀନ
ପଟ୍ଟନାୟକଙ୍କ ନିରବତା ଓଡ଼ିଶାବାସୀଙ୍କୁ ହତଚକି
ତ କରୁଛି । ଶ୍ରୀ ପଟ୍ଟନାୟକ ଏନ୍‌ଡିଏର ଭାଗୀଦାର ଥିଲେ ।
ତା ସତ୍ତ୍ୱେ ସେ ସେତେବେଳେ କୌଣସି ଆଖିଦୃଶିଆ ପ୍ରକଳ୍ପ
ଓଡ଼ିଶାକୁ ଆଣିପାରିଲେ ନାହିଁ । ବର୍ତମାନ ତାଙ୍କ ସରକାର
କେବଳ ଇସ୍ପାତ କାରଖାନା ପାଇଁ ଏମ୍‌ଓୟୁ ଦସ୍ତଖତରେ
ଲାଗିଛି । ତେଣୁ ସେ ନିଜେ ଏହି ପ୍ରତିଷ୍ଠାନ ପାଇଁ ଅଣ୍ଟାଭିଡ଼ୁ
ନାହାନ୍ତି । ଅଥଚ ଏହି ପ୍ରତିଷ୍ଠାନ ଓଡ଼ିଶାରେ ହେଲେ
ତାଙ୍କର ନାଁ ରହନ୍ତା । ଏଇଥି ପାଇଁ ଓଡ଼ିଶାର ଗାଁ
ଗହଳରେ ଯେଉଁ ଢଗ ଅଛି ଯେ 'ଯାହାର ବାହାଘର ତାର
ମନ ନାହିଁ, ସାଇ ପଡ଼ିଶାଙ୍କୁ ନିଦ ନାହିଁ', ସେ କଥାଟି
ସଂପୂର୍ଣ ଭାବେ ତାଙ୍କ ପାଇଁ ପ୍ରଯୋଜ୍ୟ ।

ପୂର୍ବପୃଷ୍ଠା




Copyright © 2001 orissasambad.com

Site Developed by : www.wayindia.com